National Journal of Hindi & Sanskrit Research

**ISSN: 2454-9177**
NJHSR 2025; 1(63): 269-274
© 2025 NJHSR
www.sanskritarticle.com

**Dr Kalyani Nandi**
Adhyapika,
Odia bhasa saahitya bibhaga,
A.D.Mohavidyalaya, Brahamagir,
puri

**Correspondence:**
**Dr Kalyani Nandi**
Adhyapika,
Odia bhasa saahitya bibhaga,
A.D.Mohavidyalaya, Brahamagir,
puri

# ଶ୍ରୀଜଗନ୍ନାଥଙ୍କ ସେବାରେ ବଡ଼ଛତା ମଠ

**ଅଧ୍ୟାପିକା ଡକ୍ଟର କଲ୍ୟାଣୀ ନନ୍ଦୀ**

ଧର୍ମସମ୍ମନ୍ବୟର ପବିତ୍ର ଭୂମି ଭାରତବର୍ଷର ଉକ୍ରଳପ୍ରଦଶେ ଯାହା ସଂପ୍ରତି ଓଡ଼ିଶା ରାଜ୍ୟ ନାମରେ ନାମିତ। ସହେି ଓଡ଼ିଶା ରାଜ୍ୟର ପୁରୁଷୋ   ମ କ୍ଷତ୍ରେ ବା ଶ୍ରୀକ୍ଷତ୍ରେ ଶ୍ରୀମନ୍ଦିରର ରତ୍ନସିହାସନରେ ପରଂବ୍ରହ୍ମ ଭଗବାନ ବିଷ୍ଣୁ ଦାରବୀୟ ଚତୁଦ୍ର୍ଧାମୂର୍ ି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ନାମରେ ପୂଜା ପାଉଛନ୍ତି। ସେ ବଦେୋକ୍ତ ଦାରୁବ୍ରହ୍ମ ସାକାର-ନିରାକାର, ନିଷ୍କ୍ରିୟ-ସକ୍ରିୟ ସେ ବର୍  ମାନ-ଅତୀତ-ଭବିଷ୍ୟତ। ଯୁଗଯୁେଗେ ଯାହାଙ୍କ ସାନ୍ନିଧ୍ୟ ପାଇବା ପାଇଁ ଦବେ, ଦାନବ, ଗନ୍ଧର୍ବ, କିନ୍ନର, ମୁନୀଋଷି ଯୋଗୀମାନେ ସଦା ବ୍ୟାକୁଳ। ଶ୍ରୀଜଗନ୍ନାଥ ସର୍ବଧର୍ମ, ସର୍ବ ସଂପ୍ରଦାୟ, ଦର୍ଶନ ଓ ଚତେନାର ପ୍ରତୀକ। ତଣ୍ଡେ ସୌେର, ବଷ୍ଣେବ, ଶାକ୍ତ, ଶବୈ, ଗାଣପତ୍ୟ, ଦ୍ବତୈ, ଅଦ୍ବତୈ-ଅଚିନ୍ତ୍ୟ ଭଦୋଭଦେ ପ୍ରଭୃତି ସଂପ୍ରଦାୟ ଓ ମତବାଦର ପ୍ରବର୍  କ ଆଚାର୍ୟ୍ୟମାନେ ବିଭିନ୍ନ ସମୟରେ ଏହି ଶ୍ରୀକ୍ଷତ୍ରେକୁ ଆସିବା ସହିତ ଶ୍ରୀଜଗନ୍ନାଥଙ୍କୁ ନିଜ ଧର୍ମୀୟ ଚତେନାର ମହାପ୍ରଭୁ ଭାବରେ ଗ୍ରହେଣ କରି ଏହି ଶ୍ରୀକ୍ଷତ୍ରେ ମାଟିରେ ନିଜକୁ ସମର୍ପଣ କରିଛନ୍ତି। ଯାହା ଫଳରେ ଏଠି ଗଢ଼ିଉଠିଛି ଅନକେ ମଠ ବାଡ଼ି, ଅନୁଷ୍ଠାନ। ବହୁକାଳରୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହିତ ଜଡ଼ିତ ହୋଇ ପରµରାକ୍ରମେ ତାଙ୍କର ସବୋ ପୂଜା କରି ଆସୁଛନ୍ତି। ପୁରୀ ହୋଇଛି ପୁଣ୍ୟମୟ ଧର୍ମ ସମ୍ମନ୍ବୟ ଐତିହ୍ୟର ସହର।

ସମୟର ବିବର୍  ନ ଧାରାରେ କାଳର କୁରାଳ ଚକ୍ରରେ ସବୁକିଛି ବଦଳିବା ପରି ଓଡ଼ିଶା ସରକାରଙ୍କର ମନରେ ଆସିଛି ପରିବର୍  ନ। ଶ୍ରୀକ୍ଷତ୍ରେ ଶ୍ରୀମନ୍ଦିରର ସୁସଜ୍ଜିକରଣ ମନ୍ତ୍ରରେ ମଠବାଡ଼ି ସଂସ୍କୃତିର ଉନ୍ନତି ପରିବର୍   ଉଜୁଡ଼ିଯାଇଛି ମଠସଂସ୍କୃତି। କବେଳ କାଗଜ କଲମରେ ଲିପିବଦ୍ଧ ହୋଇ ରହିଛି ଶ୍ରୀକ୍ଷତ୍ରେର ମଠଗୁଡ଼ିକର ନାମ। କର୍ପୂର ଉଡ଼ି କନା ପଡ଼ିରହିବା ପରି ଅବକ୍ଷୟର କବରତଳେ ଶ୍ରୀକ୍ଷତ୍ରେ ମାଟିରେ ବ ି ରହିଥିବା ମଠ ମଧ୍ୟରେ ବଡ଼ ଛତା ମଠ ଅନ୍ୟତମ।

ବଡ଼ଦାଣ୍ଡରୁ ସିଂହଦ୍ବାର ଦଇେ ଶ୍ରୀମନ୍ଦିରକୁ ପ୍ରବଶେ କରିବା ପଥରେ ସିଂହଦ୍ବାରର ବାମପାଶ୍ର୍ବରେ ଦୃଶ୍ୟମାନ ହଉେଥିବା ମଠଟି ବଡ଼ଛତା ମଠ। ମଘେନାଦ ପ୍ରାଚୀର ସଂଲଗ୍ନ ଏହି ମଠ ବିଜେ ସ୍ଥଳୀ ଓସାରରେ ପ୍ରାୟ ୨୫ ଫୁଟ  ଏବଂ ଲମ୍ବ ୪୫ ଫୁଟ ମଧ୍ୟରେ। ବାହାର କାନ୍ଥରେ ଧଳା ମାର୍ବଲ ପ୍ଲଟେ୍ ଲାଗିଥିବା ବଳେେ ସମ୍ମୁଖ ଭାଗ କାନ୍ଥ ବା ପ୍ରବଶେ ଦ୍ବାର ଉପରେ ରାମାନନ୍ଦୀ ଚିତା। ନାମ ବିଶଷେଣରେ ବଡ଼ଛତା ହଲେେ ହେଁ ଆୟତନ ଦୃଷ୍ଟିରୁ ଏହା ବହୁତ ସାନ ଅଟେ। ମାତ୍ର ଶ୍ରୀରାମାନନ୍ଦୀୟ ସଂପ୍ରଦାୟର ଏହା ଏକ ପ୍ରସିଦ୍ଧ ଖ୍ୟାତି ସଂପନ୍ନ ମଠ ଭାବରେ ପୁରୀ ବଡ଼ଛତା ମଠ ସମଗ୍ର ଭାରତ ବର୍ଷରେ ସୁପରିଚିତ। ଭାରତବର୍ଷର ଉ   ରଦିଗ ତଥା ଅଯୋଧ୍ୟାରୁ ଦକ୍ଷିଣ ପୂର୍ବ ଭାଗର  ଓଡ଼ିଶା ରାଜ୍ୟ ଗଂଜାମ ଜିଲ୍ଲା ପର୍ଯ୍ୟନ୍ତ ଏହି ମଠର ପ୍ରଭାବ ଦଖୋଯାଏ। ସହେିପରି ରାମାନନ୍ଦୀୟ ସଂପ୍ରଦାୟ ମଠମାନଙ୍କ ମଧ୍ୟରେ ଏହି ମଠର ମଠାଧୀଶ ବା ମହନ୍ତଙ୍କୁ ସର୍ବତ୍ର ବହୁ ସମ୍ମାନ ପ୍ରଦାନ କରାଯାଇଛି।

ତା.୨୯.୫.୨୦୨୦ ମସିହାରେ ଶ୍ରୀ ମହନ୍ତ ରାମସ୍ବରୂପ ଦାସ ମହାରାଜଙ୍କ ମୃତ୍ୟୁ ପରେ ସଂପ୍ରତି ଏହି ମଠର ମହନ୍ତ ଶ୍ରୀବଳଦବେ ଦାସ ମହାରାଜ ଯାହାଙ୍କର ବିବରଣୀ ଅନୁସାରେ ବଡ଼ଛତା ମଠ ଆଜକୁ ପ୍ରାୟ ୫୦୦ ବର୍ଷର ପୂରାତନ ମଠ। ମାତ୍ର ଇକ୍ସମଷବକ୍ଷକ୍ଟଶସମବକ୍ଷ ଝଙ୍କକ୍ସଙ୍ଖରଚ୍ଚ କ୍ଟଲ ଓଦ୍ଭୟସବ ର ଗବଷେଣା ଧାରାରେ ଏହି ମଠ ୪୫୫ ବର୍ଷ ପୁରାତନ ମଠ ଭାବରେ ମାନ୍ୟତା ପ୍ରଦାନ କରାଯାଇଛି। ମହନ୍ତ ବଳଦବେ ଦାସଙ୍କ ଉକ୍ତି ଅନୁସାରେ ଆଜକୁ ୫ଶହ ବର୍ଷ ତଳେ ଉ   ର ଭାରତରୁ ଜନକେୈ ପ୍ରସିଦ୍ଧ ସନ୍ଥ ମହାମା ଯାହାଙ୍କ ନାମ ଶ୍ରୀ ସ୍ବାମୀ ମତ୍ସ୍ୟ ରାମଦାସ ମହାରାଜ ସିଂହଦ୍ବାର ଠାରେ ଏକ ତାଳପତ୍ରରେ ନିର୍ମିତ ଛତା ତଳେ ବାସ କରୁଥିଲେ। ସେ ପ୍ରତ୍ୟହେ ଦବେ ଦର୍ଶନ ସହ ଦୂର ଦୂରାନ୍ତରୁ ଆସୁଥିବା ଦର୍ଶନାର୍ଥୀମାନଙ୍କର ଆବଶ୍ୟକସ୍ଥଳେ ସବୋ ମଧ୍ୟ କରୁଥିଲେ। ଏତଦ୍ ସହିତ ବିଭିନ୍ନ ସମୟରେ ପୁରୀ ଶ୍ରୀମନ୍ଦିରକୁ ଆକ୍ରମଣ କରୁଥିବା ବାହ୍ୟ ଶତ୍ରୁମାନଙ୍କୁ ସବୋୟତମାନଙ୍କ ସହ ମିଳିତ ହୋଇ ପ୍ରତିରୋଧ କରୁଥିଲ। ଏହି ମତ୍ସ୍ୟାରାମ ଦାସ ପ୍ରାୟ ୧୫୦ ବର୍ଷରୁ ଉଦ୍ଧ୍ର୍ବକାଳ ବ ି ରହିଥିଲେ। ଏହି ମତ୍ସ୍ୟରାମ ଦାସଙ୍କ ସମୟରୁ ହ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ପଦ୍ମବଶେ ଆରମ୍ଭ ହୋଇଥିଲା ଯାହା ଆମେ ଆମର ଗୁରୁଙ୍କ ମୁଖରୁ ଶୁଣିଅଛୁ। ସଂପ୍ରତି ୭ ପିଢ଼ିଙ୍କର ନାମ ଉଲ୍ଲଖେ କରାଗଲା।

୧-ଶ୍ରୀସ୍ବାମୀ ମତ୍ସ୍ୟରାମଦାସ ମହାରାଜ
୨- ଶ୍ରୀସ୍ବାମୀ ପ୍ରମେଦାସ ମହାରାଜ
୩- ଶ୍ରୀସ୍ବାମୀ ରଘୁବର ଦାସ ମହାରାଜ
୪- ଶ୍ରୀସ୍ବାମୀ କମଳଲୋଚନ ଦାସ ମହାରାଜ
୫- ଶ୍ରୀସ୍ବାମୀ ଅନାଦି ଦାସ ମହାରାଜ
୬- ଶ୍ରୀସ୍ବାମୀ ବାଳମୁକୁନ୍ଦ ଦାସ ମହାରାଜ
୭- ଶ୍ରୀସ୍ବାମୀ ରାମସ୍ବରୂପ ଦାସ ମହାରାଜ
୮- ଶ୍ରୀସ୍ବାମୀ ବଳଦବେ ଦାସ ମହାରାଜ
(ବର୍□ମାନ ମଠାଧୀଶ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି)

ବିଶାଳ ଭାରତ ବର୍ଷରେ ସର୍ବୋଚ ତପସ୍ୟାସ୍ଥଳ ହେଉଛି ଅଯୋଧ୍ୟା ଯେଉଁଠି ବୈଷ୍ଣବ ପରμରା ଅନୁଯାୟୀ ଶ୍ରୀରାମଚନ୍ଦ୍ରଙ୍କୁ ପୂଜା କରିବା ରାମାନନ୍ଦୀୟ ସଂପ୍ରଦାୟର ପ୍ରୟାଗ ସାଧୁ ସନ୍ଥମାନଙ୍କର ତାହା ଥିଲା ଜନ୍ମସ୍ଥଳ। ସହେି ସ୍ଥାନରୁ ହó ମତ୍ସ୍ୟରାମ ଓଡ଼ିଶା ପ୍ରଦଶେକୁ ଆସି ଶ୍ରୀକ୍ଷତ୍ରେର ରତ୍ନସିଂହାସନରେ କାଳିଆଠାକୁରଙ୍କ ଦର୍ଶନ କରି ତାଙ୍କରି ପାଦପଦ୍ମରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରି ରହିଗଲେ। ଯାହାଙ୍କ ସହିତ ଆସିଥିଲେ ଅନକେ ଶିଷ୍ୟ। ଗୁରୁଙ୍କର ଦହୋନ୍ତପରେ ଗୁରୁଶିଷ୍ୟ ପରμରା ଅନୁସାରେ ପରବର୍□ୀ ମଠାଧୀଶ ରୂପେ ଗାଦୀନସୀନ ହୋଇ ମଠ ତଥା ଶ୍ରୀଜଗନ୍ନାଥଙ୍କର ସବୋ ପୂଜା କରି ଆସୁଥିଲେ।

ନୂତନ ମଠାଧୀଶ ହବୋର ନିୟମ ବା ପଦ୍ଧତି :-

ମହନ୍ତଙ୍କ ମୃତ୍ୟୁପରେ ମହନ୍ତଙ୍କର ଗାଦିର ଉ□ରାଧିକାରୀଙ୍କର କେତେକେ ଯୋଗ୍ୟତାକୁ ବି·ର କରାଯାଇ ଉପସ୍ଥିତ ଜନସାଧାରଣ / କିଛି ପ୍ରଶାସନିକ ଦସ୍ତାବିଜ୍ ତଥା ପ୍ରମୁଖ ବ୍ୟକ୍ତିମାନଙ୍କର ସହଯୋଗରେ ନୂତନ ମହନ୍ତଙ୍କର ଶାଢ଼ୀବନ୍ଧା କାର୍ଯ୍ୟ ହୋଇଥାଏ। ସଥେିଲାଗି କେତେକେ ନିୟମ ମଧ୍ୟ ରହିଅଛି ଯଥା :-

୧-ପୂର୍ବମହନ୍ତ ଜଣେ ଶିଷ୍ୟକୁ ଉପଯୁକ୍ତ ଭାବି ତାଙ୍କର ଜୀବିତାବସ୍ଥାରେ ତା ନାମରେ ଚଲୋ ବୋଲି ସ୍ବୀକାର ପତ୍ର ଦଇେଥିବା ଆବଶ୍ୟକ।

୨-ଉକ୍ତ ଚଲୋ ବ୍ୟକ୍ତି ହିସାବରେ ଜଣେ ସୁଯୋଗ୍ୟ ପ୍ରମାଣିତ ହବୋ ଆବଶ୍ୟକ। ଯେପରି ସେ ସତ୍ଚରିତ୍ର ଗୁଣବାନ୍ ହବୋ ସହ କୌେଣସି ପ୍ରକାର କୁମାର୍ଗର ପଥା·ରୀ ହୋଇନଥିବ।

୩- ମଠର ପରμରା ଅନୁସାରେ କେବେଳ ବ୍ରାହ୍ମଣ ପରିବାରର ବ୍ୟକ୍ତି ହó ମହନ୍ତ ହବେ।

୪- ଉକ୍ତ ଶିଷ୍ୟ ମହନ୍ତଙ୍କର ପ୍ରିୟ ଶିଷ୍ୟ ହୋଇଥିବା ସ୍ଥଳେ ଅନ୍ୟାନ୍ୟ ସାଧୁସନ୍ଥ ଓ ମଠକୁ ଆସୁଥିବା ଅତିଥି ଅଭ୍ୟାଗତଙ୍କୁ ସତ୍ ବ୍ୟବହାର ପ୍ରଦାନ କରୁଥିବ।

୫- ସର୍ବୋପରି ମହନ୍ତ ମହାରାଜଙ୍କ ଜୀବୀତାବସ୍ଥାରେ ପୂର୍ବ ମହନ୍ତ ଉକ୍ତ ଶିଷ୍ୟର ନାମରେ ରଜେିଷ୍ଟ୍ରି ଦଲିଲ କରିଥିବେ।

୬- ନୂତନ ମହନ୍ତ ସୁଦ୍ଧ ବାବାଜୀ ହୋଇଥିବା ସ୍ଥଳେ ମଠର ସମସ୍ତ ନୀତିନିୟମ ମାନି ଚଳିବା ଆବଶ୍ୟକ।

୭-ମହନ୍ତଙ୍କର ମୃତ୍ୟୁ ପରେ ତ୍ରୟୋଦଶ ଦିବସରେ ଶାଢ଼ୀବନ୍ଧାଇ ସର୍ବସମ୍ମୁଖରେ ମଠର ଭାର ନିଅନ୍ତି।

ମଠାଧୀଶଙ୍କ ମହନ୍ତଭେଇ ଶାଢ଼ୀ ବନ୍ଧା ହବୋ ପୂର୍ବର ନିୟମ

ଉକ୍ତଦିନ ପ୍ରାତଃ କାଳରେ ବଡ଼ଛତା ମଠର ଆରାଧ୍ୟ ଦବେତା ଶ୍ରୀରଘୁନାଥଙ୍କ ଅବକାଶ ନୀତି ଅନୁଷ୍ଠିତ ହବୋ ପରେ ଶ୍ରୀରାମଚନ୍ଦ୍ରକୁ ଶୁକ୍ଳ ସୂତାବସ୍ତ୍ର ଓ ମା ଜାନକୀ ଦବେୀଙ୍କୁ ପାଟ୍ଟବସ୍ତ୍ର ପିନ୍ଧାଯାଇ ପୂଜାର୍ଚ୍ଚନା କରାଯାଏ। ଉକ୍ତଦିନ ନୂତନ ମହନ୍ତ ହବୋକୁ ଥିବା ମହନ୍ତ ନିଷ୍ଠାର ସହିତ ଉପବାସ ରହିଥାନ୍ତି। ସହେିଦିନ ଦ୍ବିପ୍ରହର ଧୂପ ସମାପନ ପରେ ଶ୍ରରାମ ଓ ସୀତାଙ୍କ ସମ୍ମୁଖରେ ହୋମସଂସ୍କାର ପୂଜାନୀତି ଅନୁଷ୍ଠିତ ହୁଏ। କୂଳ ପୁରୋହିତ ଶ୍ରୀ ସଦାଶିବ ରଥଶର୍ମାଙ୍କ ପୁତ୍ର ଶ୍ରୀ ସୂର୍ଯ୍ୟନାରାୟଣ ରଥଶର୍ମା କୂଳ ପୁରୋହିତ ରୂପେ ମଠର ପୂଜା କର୍ମ କରିଥିଲେ। ଶ୍ରୀରାମ ସୀତାଙ୍କ ସମ୍ମୁଖରେ ଜଗମୋହନରେ କଳସ ସ୍ଥାପନ ପୂର୍ବକ ଶ୍ରୀରାମ ଅଭିଷକେ ଉତ୍ସବ ଆୟୋଜନ କରିଥିଲେ। ଶ୍ରୀବଳଦବେ ଦାସ ପ୍ରଭୁଙ୍କ ପାଖରେ ନିଜକୁ ସମର୍ପଣ କରି ସାଧା ଶୁକ୍ଳ ବସ୍ତ୍ର ପରିଧାନ କରି ପୂଜା ନିମନ୍ତେ ସଂକଳ୍ପ କରିଥିଲେ। ଏହାପରେ ଶ୍ରୀରାମ ଅଭିଷକେ ଉତ୍ସବ ଅନୁଷ୍ଠିତ ହୋଇ ହୋମକାର୍ଯ୍ୟ ସମାପନ ହବୋପରେ ମହନ୍ତଙ୍କ ନିମନ୍ତେ ନୂତନ ଶାଢ଼ୀକୁ ସଂସ୍କାର କରାଯାଇଥିଲା। ଏବଂ ପରେ ବଡ଼ଛତା ମଠର ଗାଦି ଗୃହରେ ଥିବା ମହନ୍ତ ଗାଦିଗୃହକୁ ସଂସ୍କାର କରାଯାଇ ମହନ୍ତ ଗାଦିକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ପୁରୀ ସହରରୁ ନିମନ୍ତ୍ରିତ ହୋଇ ଆସିଥିବା ଭିନ୍ନ ଭିନ୍ନ ମଠର ମଠାଧୀଶ ତଥା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ବଡ଼ଛତା ମଠର ନୂତନ ମହନ୍ତ ଭାବେ ଶିଷ୍ୟ ଶ୍ରୀସ୍ବାମୀ ବଳଦବେ ଦାସ ମହାରାଜଙ୍କ ମସ୍ତକରେ ମହନ୍ତଭେଇ ଶାଢ଼ୀ ରୂପେ ଶ୍ରୀଜଗନ୍ନାଥଙ୍କ ଗୀତଗୋବିନ୍ଦ ପାଟଶାଢ଼ୀ ବନ୍ଧା ଯାଇଥିଲା। ଏହି ସମୟରେ ବୈଦିକ ବ୍ରାହ୍ମଣଙ୍କ ଦ୍ବାରା ମନ୍ତ୍ରଧ୍ବନି ଉଚ୍ଚାରଣ ହେଉଥିଲା। ଏତଦ୍ବ୍ୟତୀତ ଅନ୍ୟାନ୍ୟ ମଠର ମହନ୍ତମାନେ ନୂତନ ମଠାଧୀଶଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଉପଢୌକନ ପ୍ରଦାନ କରି ସ୍ବାଗତ ଜଣାଇଥିଲେ। ଏହାପରେ ମହନ୍ତ ଶ୍ରୀବଳଦବେ ଦାସ ମହାରାଜ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ଶ୍ରୀରାମ ଚନ୍ଦ୍ର ଦାସ ମହାପାତ୍ର ଓ ବିଭିନ୍ନ ମଠର ମଠାଧୀଶଙ୍କ ସହ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରି ଆଶୀର୍ବାଦ ପ୍ରାପ୍ତ ହବୋପରେ ନିମନ୍ତ୍ରିତ ମଠର ମଠାଧୀଶ ଓ ଅନ୍ୟାନ୍ୟ ବ୍ୟକ୍ତିବିଶଷେଙ୍କୁ ମହାପ୍ରସାଦରେ ଆପ୍ୟାୟିତ କରାଯାଇଥିଲା। ନୂତନ ମଠର ମଠାଧୀଶ ପୂର୍ବ ମଠାଧୀଶଙ୍କର ମୃତ୍ୟୁର ତ୍ରୟୋଦଶ ଦିବସରେ ଶାଢ଼ୀବନ୍ଧାଇ ନିଜକୁ ବଡ଼ଛତା ମଠର ମହନ୍ତ ଭାବେ ଶ୍ରୀ ରଘୁନାଥଙ୍କ ପାଖରେ ନିଜକୁ ସମର୍ପଣ କରିଥିଲେ। ମହନ୍ତ ଶ୍ରୀସ୍ବାମୀ ରାମସ୍ବରୂପ ଦାସ ମହାରାଜଙ୍କ ମୃତ୍ୟୁ ତା.୨୯.୦୫.୨୦୨୦ ଶୁକ୍ରବାର ହୋଇଥିବା ସ୍ଥଳେ ନୂତନ ମଠର ମହନ୍ତ ତା.୧୦.୦୬.୨୦୨୦ ବୁଧବାର ଦିନ ଶାଢ଼ୀ ବନ୍ଧାଇଥିଲେ। ଉକ୍ତଦିନ ଉପସ୍ଥିତ ହୋଇଥିବା ବ୍ୟକ୍ତି ବିଶଷେଙ୍କର ନାମ ନିମ୍ନରେ ଦିଆଗଲା:-

୧- ସୁଭଦ୍ରାଙ୍କ ମୁଖ୍ୟ ବାଡ଼ଗ୍ରାହୀ - ଶ୍ରୀରାମଚନ୍ଦ୍ର ଦାସ ମହାପାତ୍ର
୨- ଶ୍ରୀ ସୂର୍ଯ୍ୟମଣି ରଥଶର୍ମା
୩- ନିମଇେ ଆଖଡ଼ୋ ମଠ ମହନ୍ତ
୪- ହାତୀ ଆଖଡ଼ୋ ମଠ ମହନ୍ତ
୫- ରାମରତ୍ନ ଆଶ୍ରମ
୬- ସୁନ୍ଦର ଦାସ ମଠ ମହନ୍ତ
୭- ରାଧାକାନ୍ତ ମଠ ମହନ୍ତ
୮- ଗଙ୍ଗାମାତା ମଠ ମହନ୍ତ
୯- ରାଧାବଲ୍ଲଭ ମଠ ମହନ୍ତ
୧୦- ରାମଜୀ ମଠ ମହନ୍ତ
୧୧- ସିଦ୍ଧବକୁଳ ମଠ ମହନ୍ତ
୧୨- ନାଗା ମଠ ମହନ୍ତ
୧୩- କଟକୀ ମଠ ମହନ୍ତ
୧୪- ବଡ଼ ଓଡ଼ିଆ ମଠ ମହନ୍ତ
୧୫- କୌେଶଲ୍ୟା ମହାରାଜ
୧୬- ନନ୍ଦିନୀ ମଠ ମହନ୍ତ
୧୭- ଗୌେର ଚରଣ ମଠ ମହନ୍ତ
୧୮- କଣାସ ମଠ ମହନ୍ତ
୧୯- ମଳିପଡ଼ା - ପୂର୍ଣ୍ଣମାସୀ ମଠ
୨୦- ସାନଛତା ମଠ ମହନ୍ତ
୨୧- ରାମଦୟା ପରିଷଦ
୨୨- ମଙ୍ଗୁ ମଠ ମହନ୍ତ
୨୩- ନବକିଶୋର ଦାସ
୨୪- ମାଳିଗଡ଼ା ମଠ ମହନ୍ତ

ତଥା ପ୍ରମୁଖ ବ୍ୟକ୍ତିଙ୍କ ଉପସ୍ଥିତିରେ ହó ସମାରୋହରେ କାର୍ଯ୍ୟ ସମାପନ ହୋଇଥିଲା।

**ମଠ ପରିସର ଓ ବିଜେ ଠାକୁର :-**

ବଡ଼ଛତା ମଠର ବିଜେସ୍ଥଳୀର ସିଂହାସନ ପରେ ପୂଜା ପାଉଛନ୍ତି ରାମାନନ୍ଦୀ ସଂପ୍ରଦାୟର ଇଷ୍ଟ ଠାକୁର ଶ୍ରୀରଘୁନାଥ ଓ ଜାନକୀ ସୀତା ମାତା। ପ୍ରାୟ ୩ ଫୁଟ ଉଚ୍ଚତା ବିଶିଷ୍ଟ କଳାମୁଗୁନୀ ପ୍ରସ୍ତରରେ ନିର୍ମିତ କମନୀୟ ଦଣ୍ଡାୟମାନ ରଘୁନାଥଙ୍କ ମୂର୍□ି। ହସ୍ତରେ ଧନୁର୍ବାଣ ଏବଂ ମସ୍ତକରେ ସୁଶୋଭିତ ରୌପ୍ୟ କିରୀଟ। ବାମ ପାଶ୍ବର୍ରେ ଜନକନନ୍ଦିନୀ ସୀତା ଦେବୀଙ୍କର ଅଷ୍ଟଧାତୁରେ ନିର୍ମିତ ୨୧/୨ ଫୁଟ ଉଚ୍ଚତାର ବିଗ୍ରହ। ମସ୍ତକରେ ରୌପ୍ୟ କିରୀଟ। ଶୁକ୍ଳସୂତା ବସ୍ତ୍ର ପରିହିତ ଶ୍ରୀରାମଙ୍କ ସହ ପାଟ ବସ୍ତ୍ର ପରିନିହ୍ତା ମା

ସୀତାଦେବୀ ଏତଦ୍ ସହିତ ପୂଜା ପାଉଛନ୍ତି ଅନେକ ଜୀବନ୍ତ ଶାଳଗ୍ରାମ ଯାହା ବିଭିନ୍ନ ସମୟରେ ଏହି ମଠର ସାଧଉ ସନ୍ଥଙ୍କ ଦ୍ବାରା ତୀର୍ଥଯାତ୍ରା ସମୟରେ ବହୁ ତୀର୍ଥ ସ୍ଥଳରୁ ଶ୍ରୀକ୍ଷେତ୍ରକୁ ଆସିଅଛନ୍ତି। ସେହିପରି ଅନ୍ୟ ଏକ ଗୃହ ଯାହା ପ୍ରଥମ ଗୃହର ବାମପାଶ୍ର୍ବରେ ଅବସ୍ଥିତ ଉକ୍ତ ଗୃହରେ ସିଂହାସନରେ ପୂଜା ପାଉଛନ୍ତି ପ୍ରାୟ ୧ ଫୁଟ ଉଚ୍ଚତା ବିଶିଷ୍ଟ ଦାରବୀୟ ବିଗ୍ରହ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ସୁଦର୍ଶନ ଗରୁଡ଼ଙ୍କ ସହ ଲକ୍ଷ୍ମୀନାରାୟଣ, ହନୁମାନ, ନୃସିଂହଙ୍କର ଧାତବୀୟ ମୂର୍ି। ଦୁଇଟି ଗୃହର ମୁଖ୍ୟ ଦ୍ବାର ଦେଶର କାନ୍ଥରେ ସେହିପରି ପୂଜା ପାଉଛନ୍ତି ୮ ଗୋଟି ପଥରର ନିର୍ମିତ ପ୍ରାୟ ଛୋଟ ବଡ଼ ସିନ୍ଦୁର ବୋଳା ହନୁମାନ ମୂର୍ି।

ଏତଦ୍ ବ୍ୟତୀତ ମଠର ରୋଷ ନିମନ୍ତେ କଡ଼ରେ ରହିଛି ଏକ କ୍ଷୁଦ୍ର ରୋଷଘର। ୟେଉଁଠାରେ ପ୍ରତିଦିନ ଶ୍ରୀରଘୁନାଥଙ୍କ ନିମନ୍ତେ ଭୋଗ ରନ୍ଧନ ହୋଇଥାଏ। ପୁନଶ୍ଚ ମଠ ମଧ୍ଯକୁ ପ୍ରବେଶ କଲାବେଳେ ଡାହାଣ ପାଶ୍ର୍ବରେ ବାରଣ୍ଡାକୁ ଲାଗି ରହିଛି ଏକ କ୍ଷୁଦ୍ର କୋଠରୀ। ଯାହା ଗାଦିଗୃହ ନାମରେ ପରିଚିତ। ମହନ୍ତଙ୍କ ଗାଦୀ ବା ମହନ୍ତ ବସିବା ନିମନ୍ତେ ସିଂହାସନ। ସିମେର ଉଚ୍ଚ ଆସନ ପରେ ବ୍ୟାଘ୍ରଛାଲର ଆସନ। ପ୍ରବେଶ ଦ୍ବାର ପଥରେ ୨ ଗୋଟି ସିଂହମୂର୍ି। ବାରଣ୍ଡା ଦେଇ ପ୍ରବେଶ କଲେ ଜଗମୋହନ। ଗୁରୁଗାଦୀ ଉପରେ ୩ ଗୋଟି ପୂର୍ବ ଗୁରୁଙ୍କ ବା ମହନ୍ତ ମହାରାଜଙ୍କ ଫଟୋ ରହିଅଛି ଯଥା- ଶ୍ରୀସ୍ବାମୀ ଅନାଦି ଦାସ ମହାରାଜ, ଶ୍ରୀସ୍ବାମୀ ବାଳମୁକୁନ୍ଦ ଦାସ ମହାରାଜ ଓ ଶ୍ରୀସ୍ବାମୀ ରାମସ୍ବରୂପ ଦାସ ମହାରାଜଙ୍କ ଫଟୋ। ଏବଂ ତାର କଡ଼କୁ ଅଛି ଅହରହ ଜଳୁଥିବା ଅଗ୍ନିକୁଣ୍ଡ। ୟେଉଁ କୁଣ୍ଡରେ ଶ୍ରୀମନ୍ଦିର ରୋଷଶାଳାରୁ ଆସିଥିବା ବୈଷ୍ଣବାଗ୍ନି ରହିଥାଏ। ଏହି ଅଗ୍ନିକୁ ଚୂା କୁହାଯାଏ। ସୂଚନାୟୋଗ୍ୟ ୟେ ଆବଶ୍ୟକ ସମୟରେ ଏହି କୁଣ୍ଡରୁ ଅଗ୍ନି ଶ୍ରୀମନ୍ଦିର ରୋଷ ଶାଳାକୁ ମଧ୍ଯ ଯାଇଥାଏ। ଏହିଭଳି ଅଧିକାର ପୁରୀର ଅନ୍ୟ କୌଣସି ମଠକୁ ଦିଆଯାଇ ନାହିଁ। ସେହିପରି ଆବଶ୍ୟକ ସ୍ଥଳେ ଶ୍ରୀମନ୍ଦିରର ସେବାୟତମାନଙ୍କ ପରିବାରର କେହି ମୃତାହତ ହେଲେ କିମ୍ବା ମଠର ମହନ୍ତ, ସାଧୁ, ସନ୍ଥମାନଙ୍କ ମୃତ ପରେ ସେମାନଙ୍କ ଦାହ ସଂସ୍କାର ପାଇଁ ଏହି ମଠରୁ ବୈଷ୍ଣବାଗ୍ନୀ ମଧ୍ଯ ଯାଇଥାଏ।

ପୁନଶ୍ଚ ବିଶ୍ବାସ ଅଛି ୟେ, ଏହି ଅଗ୍ନିକୁଣ୍ଡର ବିଭୂତିକୁ ମଠର ମହନ୍ତ ଗାଦିରେ ବସିଥିବା ବେଳେ ସନ୍ତାନହୀନ ଦମ୍ପି ମାନସିକ କରି ମଠର ମହନ୍ତଙ୍କ ଠାରୁ ବିଭୂତି ନେଇ ସେବନ କଲେ ତାଙ୍କର ମନୋବାା ପୂର୍ଣ୍ଣ ହୁଏ ଏବଂ ପରବର୍ୀ ସମୟରେ ସନ୍ତାନ ବଡ଼ ହେବା ପରେ ତାର ପିତାମାତା ଆସି ଏହି ଗାଦୀରୁ ଉପଯୁକ୍ତ ଦକ୍ଷିଣା ପ୍ରଦାନ କରି ମୁକୁଳାଇ ନେଇଥାନ୍ତି। ଏବେବି ଲୋକ ବିଶ୍ବାସ ଅନୁସାରେ ବହୁ ପିତା ମାତା ସେମାନଙ୍କର ସନ୍ତାନର ଆରୋଗ୍ୟ ତଥା ଅପତ୍ୟା ସନ୍ତାନର ସୁରକ୍ଷା ପାଇଁ ମଠକୁ ପିଲାମାନଙ୍କୁ ବିକ୍ରି କରିଥାନ୍ତି ଏବଂ ବିବାହ ପୂର୍ବରୁ ତାକୁ ଗୋଟିଏ ଦିନ ପାଇଁ ବାବାଜୀ କରି ପରେ ଦକ୍ଷିଣା ପ୍ରଦାନ କରି ମୁକୁଳାଇ ଥାନ୍ତି।

ଦୈନନ୍ଦିନ ନୀତି :- ରାମାନନ୍ଦୀୟ ସଂପ୍ରଦାୟର ଏହି ମଠର ନୀତିନିୟମ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ହୋଇଥାଏ। ପ୍ରତ୍ୟେହ ପ୍ରାତ ସମୟରୁ ପୂଜକ ଉକ୍ତ ମନ୍ତ୍ର ଉଚ୍ଚାରଣ ପୂର୍ବକ -

"ଉତିଷ୍ଟ ତିଷ୍ଟତିରାମ ଉତିଷ୍ଟ ଜାନକୀପତି

ତ୍ବଂ ଉଠାୟମାନ ତବ ପୂଜା କରୋମି।"

ଠାକୁରଙ୍କ ପହୁଡ଼ ଖୋଲି ମଙ୍ଗଳ ଆଳତୀ କରିଥାଏ। ଏହାପରେ ଆବାହନ ମନ୍ତ୍ର ପାଠକରି- 'ଆଗଛ ବିଷ୍ଣୁ ଭଗବାନ ଆଗଛ ପରମେଶ୍ବର' କହି ଆସନରେ ତୁଳସୀ ପକାଇ ଆବାହନ କରିଯାଏ। ଏହାପରେ ଆଚମନ କରି ତୁଳସୀ, କର୍ପୂର ଓ ଚନ୍ଦନ ମିଶ୍ରିତ ଜଳରେ ପ୍ରଭୁଙ୍କର ଅବକାଶ ନୀତି ସମାପନ କରିବା ପରେ ଶ୍ରୀରଘୁନାଥଙ୍କୁ ଶୁକ୍ଳ ସୂତାବସ୍ତ୍ର ଓ ମା ସୀତା ଦେବୀଙ୍କୁ ପାଟ ଲୁଗାରେ ବେଶ କରାଇ ଫୁଲ, ତୁଳସୀ, ଧୂପଦୀପ ଦେଇ ବାଳଭୋଗ କରିଥାନ୍ତି ଓ ଆଳତୀ ସ୍ତୁତି କରାଯାଏ। ତା ପରେ ଦିବା ୧୨ଟାରୁ ୧ ଟା ମଧ୍ଯରେ ଖେଚୁଡ଼ି ଭୋଗ ବା ରାଜଭୋଗ କରିବା ପରେ ଶ୍ରୀରଘୁନାଥଙ୍କର ଦିବା ପହୁଡ଼ ଅନୁଷ୍ଠିତ ହୁଏ। ପୁନଃ ଅପରାହ୍ଣ ୪ଟା ସମୟରେ ପହୁଡ଼ ଖୋଲାଯାଇ ସନ୍ଧ୍ୟା ଆଳତୀ ହୁଏ ଏବଂ ପୁନଃ ଶୁଖିଲା ଭୋଗ ହେବା ପରେ ରାତ୍ରରେ ଶ୍ରୀରଘୁନାଥଙ୍କ ପାଖରେ ପୁରୀ, ପିଠା, ଖୀର ଆଦି ଭୋଗ ହୁଏ ଓ ପହୁଡ଼ ଆଳତୀ ହୋଇ ଠାକୁର ଶୟନ କରିଥାନ୍ତି।

ଏହି ମଠର ଦେବପୂଜା ଓ ସେବାନୀତି ପାଇଁ ଅନେକ ବାବାଜୀ ଓ ବୈଷ୍ଣବମାନେ ଥିବା ବେଳେ ମଠର ଗୃହ ଅଭାବରୁ (କାରଣ ସଂପ୍ରତି ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ମଠର ଉପର ମହଲା କୋଠାଘରକୁ ଭାଙ୍ଗି ଦିଆଯାଇଅଛି) ଏମାନେ ଏହି ମଠରେ ଅବସ୍ଥାନ ନକରି କିଛି ବୈଷ୍ଣବ ବାବାଜୀ ମଠର ମହନ୍ତଙ୍କ ସହିତ ବଡ଼ଛତା ମଠର ଶାଖାମଠ ମରିଚିକୋଟ ଗଳିରେ ଥିବା ଘୁମୁସର ମଠରେ ବାସ କରୁଛନ୍ତି। ଏଥଦ୍ ସହିତ କେତେକ ବୈଦିକ ଛାତ୍ରମାନେ ମଧ୍ଯ ରହୁଛନ୍ତି। ଏବଂ ଆଉ କେତେକ ବୈଷ୍ଣବ ବାବାଜୀ ଦୋଳମଣ୍ଡପ ସାହିସ୍ଥ ମଠର 'ସନ୍ଥନିବାସ' ଠାରେ ଆଶ୍ରୟ ନେବା ସହ ନିତ୍ୟକର୍ମାଦି ସଂପନ୍ନ କରୁଛନ୍ତି।

**ବାର୍ଷିକ ଉତ୍ସବ / ପର୍ବପର୍ବାଣି :-**

ବିଶାଳ ଭୂଖଣ୍ଡ ଭାରତ ବର୍ଷରେ ଉତ୍କଳ ପ୍ରଦେଶ। ଯାହାର କଳା ସଂସ୍କୃତି, ସାହିତ୍ୟ, ଇତିହାସ, ଚାଲିଚଳନ ପରିଚୟ କହିଲେ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଉତ୍କଳର ପର୍ବପର୍ବାଣୀ। ସେହି ଆଧାରରେ ମଠର ସଂସ୍କୃତିର ବିକାଶ ମଧ୍ଯ ଘଟିଅଛି। ଶ୍ରୀଜଗନ୍ନାଥଙ୍କ ସହିତ ଏହି ବଡ଼ଛତା ମଠର ନିବିଡ଼ ସମ୍ପର୍କ ରହିଛି। ସେହି ଅନୁସାରେ ବଡ଼ଛତା ମଠରେ ବର୍ଷକ ଭିତରେ ଅନେକ ପର୍ବପର୍ବାଣି ପାଳିତ ହୁଏ ଯଥା:-

୧- ଚୈତ୍ରଶୁକ୍ଳ ନବମୀ ତିଥିରେ ରାମଙ୍କର ଜନ୍ମ ଉତ୍ସବ ଅତି ଆଡ଼ମ୍ବରରେ ପାଳିତ ହୁଏ।

୨- ଅକ୍ଷୟ ତୃତୀୟା – ବୈଶାଖ ଶୁକ୍ଳ ତୃତୀୟାଠାରୁ ଚନ୍ଦନ ଯାତ୍ରା ଅବସରରେ ୪୨ ଦିନ ବ୍ୟାପୀ ମଠର ଇଷ୍ଟଦେବତା ଶ୍ରୀରଘୁନାଥ ଜୀଉଙ୍କୁ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଏ। ଠାକୁରଙ୍କୁ ପଇଡ଼ ଓ ପଣା ଭୋଗ କରାଯାଏ।

୩- ଜାନକୀ ନବମୀ – ବୈଶାଖ ମାସ ଶୁକ୍ଳ ୯ମୀ ତିଥି

୪- ନୃସିଂହ ଚତୁର୍ଦ୍ଦଶୀ – ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ନୃସିଂହଙ୍କ ଜନ୍ମ ଉତ୍ସବ ପାଳନ ହୁଏ।

୫- ଦେବ ସ୍ନାନ ପୂର୍ଣ୍ଣିମା – ଜ୍ୟେଷ୍ଠ ପୂର୍ଣ୍ଣିମା - ଏହିଦିନ ମଠରେ ବିରାଜିତ ଚତୁର୍ଦ୍ଧା ଦାରୁ ବିଗ୍ରହଙ୍କର ସ୍ନାନ ଉତ୍ସବ ପାଳନ ହୁଏ। ଠାକୁରଙ୍କୁ ନାନା ସୁସ୍ବାଦୁ ବ୍ୟଞ୍ଜନ ଭୋଗ ହୁଏ। ପରମ୍ପରା କ୍ରମେ ୧୫ ଦିନ ପାଇଁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ଅଣସରରେ ରଖାଯାଏ। ୧୫ ଦିନ ପରେ ଠାକୁରମାନଙ୍କର ନବେଯøବନ ଦର୍ଶନ ହୁଏ।

୬- ଶ୍ରୀଗୁଣ୍ଡି· – ଆଷାଢ଼ ଶୁକ୍ଳ ୨ୟା ମଠର ପନ୍ତି ହୁଏ।

୭- ସନ୍ଧ୍ୟାଦର୍ଶନ – ଆଷାଢ଼ ଶୁକ୍ଳ ୯ମୀ ତିଥି - ଏହିଦିନ ରାମାନନ୍ଦ ଆଚାର୍ଯ୍ୟ ଶ୍ରୀକ୍ଷେତ୍ରରେ ବଡ଼ଛତା ମଠକୁ ଆସି ସେଠାରୁ ଦଶାବତାର ମଠରେ ରହି ସେହିଠାରୁ ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଏଣୁ ଉକ୍ତଦିନର କୀର୍ିରକ୍ଷା ଓ ସ୍ମୃତି ନିମନ୍ତେ ପ୍ରତ୍ୟେକ ବର୍ଷ ସନ୍ଧ୍ୟା ଦର୍ଶନ ଦିନ ବଡ଼ଛତା ମଠ ତରଫରୁ ଦଶାବତାର ମଠରେ ଏକ ମହୋତ୍ସବ ପାଳନ କରାଯାଇ ସାଧୁସନ୍ଥଙ୍କୁ ପ୍ରସାଦ ସେବା କାର୍ଯ୍ୟ ହୋଇଥାଏ।

୮- ବାହୁଡ଼ା ଏକାଦଶୀ – ଆଷାଢ଼ ଶୁକ୍ଳ ଏକାଦଶୀ। ରଥରେ ମହାପ୍ରଭୁଙ୍କ ସୁନାବେଶ ହୁଏ। ଏହିଦିନ ମଠ ତରଫରୁ ପନ୍ତି ଭୋଗ କରାଯିବା ସହ ଚୁଡ଼ାଘଷା ଭୋଗ ହୁଏ।

୯- ଚିତାଲାଗି ଅମାବାସ୍ୟା – ଶ୍ରାବଣ ଅମାବାସ୍ୟା

୧୦- ଝୁଲଣ ପୂର୍ଣ୍ଣିମା – ଶ୍ରାବଣ ପୂର୍ଣ୍ଣିମା। ଶ୍ରାବଣ ମାସରେ ବଡ଼ଛତା ମଠରେ ଧୁମ୍ଧାମ୍ରେ ଝୁଲଣ ଯାତ୍ରା ମହୋତ୍ସବ ପାଳନ କରାଯାଏ। ଏହି ଝୁଲଣକୁ ଶ୍ରୀରାମ, ଲକ୍ଷ୍ମଣ, ସୀତାଜୀ, ହନୁମାନ, ରାଧାକୃଷ୍ଣ ବିଜେ ହୋଇଥାନ୍ତି। ସନ୍ଧ୍ୟା ସମୟରେ ମଠର ଜଗମୋହନରେ

ପାରମ୍ପରିକ ଭଜନ ବୋଲାଯାଏ। ଏହି ଝୁଲଣ ଯାତ୍ରା ଶ୍ରାବଣ ଶୁକ୍ଳ ୭ମୀରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ।

୧୧- ଜନ୍ମାଷ୍ଟମୀ – ଭାଦ୍ରବ କୃଷ୍ଣ ଅଷ୍ଟମୀ

୧୨- ନନ୍ଦ ଉତ୍ସବ – ଭାଦ୍ରବ କୃଷ୍ଣ ନବମୀ

୧୩- ସପ୍ତପୁରୀ ଅମାବାସ୍ୟା – ଭାଦ୍ରବ ଅମାବାସ୍ୟା

୧୪- ରାଧାଷ୍ଟମୀ – ଭାଦ୍ରବ ଶୁକ୍ଳ ୮ମୀ

୧୫- ସୁନିଅଁ□ା – ଭାଦ୍ରବ ଶୁକ୍ଳ ଦ୍ବାଦଶୀ

୧୬- ପିତୃପକ୍ଷ ଶ୍ରାଦ୍ଧ – ଆଶ୍ବିନ କୃଷ୍ଣ ଚତୁର୍ଦ୍ଦଶୀ

୧୭- ଦଶହରା – ଆଶ୍ବିନ ଶୁକ୍ଳ ଦଶମୀ

ଏହିଦିନ ମଠରେ ଶ୍ରୀରାମଙ୍କର ବିଜୟ ମହୋତ୍ସବ ପାଳନ ହୁଏ। ଏଣୁ ମଠରେ ନୂଆ ପତାକା ବିଜୟ କେତନ ଭାବରେ ବନ୍ଧାଯାଏ।

୧୮- କୁମାର ପୂର୍ଣ୍ଣିମା – ଆଶ୍ବିନ ପୂର୍ଣ୍ଣିମା

୧୯- ଦିପାବଳୀ – କାର୍□ିକ ଅମାବାସ୍ୟା

୨୦- ଗୋବର୍ଦ୍ଧନ ପୂଜା – କାର୍□ିକ ଶୁକ୍ଳ ପ୍ରତିପଦ

୨୧- ଅଁଳାନବମୀ – କାର୍□ିକ ଶୁକ୍ଳ ନବମୀ

୨୨-ଶ୍ରୀକ୍ଷେତ୍ର ପରିକ୍ରମା – ମାର୍ଗଶୀର କୃଷ୍ଣ ପ□ମୀ

୨୩-ବକୁଳ ଅମାବାସ୍ୟା – ପୌଷ ଅମାବାସ୍ୟା

୨୪-ଧନୁ ସଂକ୍ରାନ୍ତି – ପୌଷ ସଂକ୍ରାନ୍ତି

୨୫-ମକର ସଂକ୍ରାନ୍ତି – ମାଘ ସଂକ୍ରାନ୍ତି

୨୬- ପଦ୍ମବେଶ – ପଣ୍ଚୁ ପୂର୍ଣ୍ଣମୀ ଠାରୁ ବେଶ କାର୍ଯ୍ୟ ଆରମ୍ଭ ହୁଏ।

୨୭-ମହାଶିବରାତ୍ରୀ – ଫଗୁଣ ଅମାବାସ୍ୟା

୨୮-ଦୋଳପୂର୍ଣ୍ଣମୀ – ଫଗୁଣ ପୂର୍ଣ୍ଣମୀ

୨୯-ମହା ବିଷୁବ ସଂକ୍ରାନ୍ତି –

୩୦-ଏତଦ୍ ବ୍ୟତିତ ପୌଷମାସରେ ପୂର୍ବତନ ମଠାଧୀଶଙ୍କର ଶ୍ରାଦ୍ଧ ମହୋତ୍ସବ ପାଳନ କରାଯାଏ।

**ଶ୍ରୀମନ୍ଦିର ସହ ସମ୍ପର୍କ :-**

ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଗଢ଼ିଉଠିଛି ବହୁ ମଠ। ସେହି ପ୍ରତିଷ୍ଠିତ ସ୍ବଚ୍ଛ କେତେକ ମଠ ଶ୍ରୀମନ୍ଦିରରେ ଦୈନନ୍ଦିନ ନୀତି, ସେବାପୂଜା, ଯାନିଯାତ୍ରା ସହ ସଂପୃକ୍ତ ତନ୍ମଧ୍ଯରେ ବଡ଼ଛତା ମଠଅନ୍ୟତମ। ଶ୍ରୀମନ୍ଦିର ସ୍ବ□୍ବଲିପିର ୧୧୯ ନମ୍ବର ବ୍ୟକ୍ତିଗତ ସେବା ମଧ୍ଯରେ ବଡ଼ଛତା ମଠର ମଙ୍ଗଳ ଆଳତୀ ବା ଶ୍ରୀମନ୍ଦିରରେ ପ୍ରଥମ ନୀତି ଦ୍ବାରଫିଟା ହେବା ପୂର୍ବରୁ ଏହି ମଠର ୩ଜଣ ବାବାଜୀ ବୈଷ୍ଣବ ମାନେ ଢୋଲ କୀର୍□ନ ସହ ବାଜା ବଜାଇ ଠାକୁରଙ୍କ ନିଦ୍ରାଭଙ୍ଗ କରିଥାନ୍ତି ଓ ଜଗମୋହନରେ ପାରମ୍ପରିକ ସଂଗୀତ ଗାନ କରିଥାନ୍ତି ଯଥା "ରାମକୃଷ୍ଣ ଦାମୋଦର ପ୍ରଭୁ ମାଧବ ମଧୁସୂଦନ", "ଜୟ ଗୋବିନ୍ଦ ଜୟ ଗୋପାଳ", "କେଶବ ମାଧବ ରାମ ଦୟାର"। ଏମାନଙ୍କ ସହ କେତେକ ଦର୍ଶନାର୍ଥୀ ଭକ୍ତମାନେ ମଧ୍ଯ ନାଟମଣ୍ଡପରେ ବସି ଉପରୋକ୍ତ ଭଜନ ସହ ଗୀତଗୋବିନ୍ଦ ଗାନ କରିଥାନ୍ତି। ଏହି ଗାନ ଓ ବାଦ୍ୟ ମଙ୍ଗଳ ଆଳତିର ଅବ୍ୟବହିତ ପୂର୍ବରୁ ଜୟ ବିଜୟ ଦ୍ବାର ଖୋଲା ହେବା ପର୍ଯ୍ୟନ୍ତ ଚାଲିଥାଏ। ଗୁଣ୍ଡି· ଯାତ୍ରା ସମୟରେ ମଧ୍ଯ ବଡ଼ଛତା ମଠ ତରଫରୁ ବୈଷ୍ଣବ ବାବାଜୀମାନେ ବାଦ୍ୟ, ଗିନି ସହ ଗୁଣ୍ଡି· ମନ୍ଦିରରେ ଉପସ୍ଥିତ ରହି ମଙ୍ଗଳ ଗାନ କରିଥାନ୍ତି। କେଉଁ କାଳରୁ ଏହା ପରମ୍ପରା କ୍ରମେ ପାଳିତ ହୋଇ ଆସୁଅଛି। କେବଳ ଅଣସର ସମୟରେ ଏହି ବାଦ୍ୟ ଓ ସଂଗୀତ ଗାନ କରାଯାଇ ନଥାଏ।

ସେହିପରି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଶେଷ ନୀତି ରାତ୍ର ପହୁଡ଼ ଆଳତି ସମୟରେ ମଧ୍ଯ ମଠର ଦୁଇଜଣ ବୈଷ୍ଣବ (ବାବାଜୀ) ଢୋଲ ଓ ଗିନି ଧରି ଜଗମୋହନ ଠାରେ ପହୁଡ଼ ଶେଷ ହେବା ପର୍ଯ୍ୟନ୍ତ ବାଦ୍ୟ ଓ ସଂଗୀତ ଗାନ କରିଥାନ୍ତି। ଏହି ସଂଗୀତ ତୁଳସୀ ଦାସଙ୍କ ସ୍ବରଚିତ ଭଜନ ଅଟେ । ଆଳତି ଆରମ୍ଭ ହେବା ମାତ୍ରେ ବଡ଼ଛତା ମଠର ବୈଷ୍ଣବ ବାବାଜୀମାନେ ଢୋଲ ଝାଞ୍ଜ ବଜାଇ ବୋଲୁଥିବା ସଂଗୀତ ହେଉଛି:–

ପୁରୁଷୋ□ମ ପ୍ରଭୁ ଭୁବନଦେବା

ମହିମା ଜୟଜୟ ଦେବା।

ଜୟ ଜୟ ପ୍ରଭୁ ନିଖିଳେ ବିହାରୀ

ସାଧୁସନ୍ଥ ଜନହିତ କାରୀ।

ଜୟ ଶ୍ରୀଜଗନ୍ନାଥ ଜୟଦେବା

ଶିବ ବିର□ଚି ନାରଦ କରେ ସେବା।

ଛପନ ଭୋଗ ଲାଗେ ବିଦା ରାତି

ଷଡ଼ରସ ବ୍ୟଞ୍ଜନ ନାନା ଜାତି।

ସୁରନର ମୁନି ଜନ କରନ୍ତି ଆରତି

କା□ନ ଧାରୀ କର୍ପୂର ଆରତି।

ଜୟ ଶ୍ରୀଜଗନ୍ନାଥ ଜୟ ଦେବା

ଶିବ ବିର□ଚି ନାରଦ କରେ ସେବା।

ଆଳତି ଶେଷ ହେବା ପର୍ଯ୍ୟନ୍ତ ଏହି ଗୀତ ଗାନ କରାଯାଇଥାଏ। ଏହାପରେ ଶୟନ ଠାକୁରଙ୍କୁ ପୁଷ୍ପାଞ୍ଜଳି ଦିଆହୁଏ। ସେହି ସମୟରେ ବାବାଜୀମାନେ ନିମ୍ନୋକ୍ତ ପୁଷ୍ପାଞ୍ଜଳି ଗୀତ ଗାନ କରିଥାନ୍ତି। ଯଥା:-

ପୁଷ୍ପାଞ୍ଜଳି ପ୍ରଭୁ ଜୟଜୟ ବରଷେ

ନର ନାରୀ ଆନନ୍ଦ ମନେ ହରଷେ।

ଚାମର ଛତ୍ର ଶିର ଶୋହେ ପରେ

ଜଗନ୍ନାଥ ଦେବ ସୁଖେ ପହୁଡ଼େ।

ଭାନ୍ତି ଭାନ୍ତି ପ୍ରଭୁ ବେଦ ପ୍ରଚାରି

ପହୁଡ଼େ ପ୍ରଭୁ ଅବଧବିହାରୀ।

ସିନ୍ଧୁ ସୂତା ତବ ମନ୍ଦିର ଥାରେ

ଜଗତ ଜନ ତବ ମୁଖ ନିହାରେ।

ଜୟ ଶ୍ରୀଜଗନ୍ନାଥ ଜୟ ଦେବା

ଶିବ ବିର□ି ନାରଦ କରେ ସେବା।

ଏହି ଗୀତ ବୋଲା ଯାଉଥିବା ସମୟରେ ମନ୍ଦିରର ସମସ୍ତ ଆଲୁଅ ଲିଭାଇ ଦିଆଯାଏ ଓ ଡମ୍ବରୁରେ ବିଜେ ହୋଇଥିବା ଶୟନ ଠାକୁର ରତ୍ନପଲଙ୍କରେ ଶୋଇଥାନ୍ତି। ଏହାପରେ ବାବାଜୀ ମାନେ ନିମ୍ନୋକ୍ତ ଗୀତ ବୋଲି ଶ୍ରୀମନ୍ଦିରରୁ ବିଦାୟ ନିଅନ୍ତି। ଯଥା:-

ଚଲ ସଖୀଠ ଶୋଏ ଅବୋଧ କିଶୋର

ରତନ ଜଡ଼ାଉକି ପଲଙ୍କ ମନୋହର

ପାଦେ ରଖଠି ମନୋହର।

ଜନକ ନନ୍ଦିନୀ ଚରଣ ପଲେଙ୍କ

ସେବା କରେ ନିରନ୍ତର।

ଜୟ ରଘୁ ନନ୍ଦନ ଜୟ ସୀତାରାମ

ଜାନକୀ ବଲ୍ଲଭ ଜୟ ସୀୟାରାମ।

ଏହାଛଡ଼ା କାର୍□ିକ ମାସରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ପାଖରେ ଅନୁଷ୍ଠିତ ବାଳଧୂପ ସମୟରେ ଏହି ମଠ ତରଫରୁ ହସ୍ତରେ ଏକ କ୍ଷୁଦ୍ର ହନୁମାନ ମୂର୍□ି ସଂଗରେ ନେଇ ବାବାଜୀମାନେ ମୁକ୍ତି ମଣ୍ଡପର ସମ୍ମୁଖ ଖାଲି ସ୍ଥାନ ତଥା ଚଟାଣ ଠାରେ ଢୋଲ ଓ ଗିନି, ଝାଞ୍ଜ ଆଦି ବଜାଇ ପାରମ୍ପରିକ ସଂଗୀତ ଗାନ କରନ୍ତି। ସେହିପରି ଚନ୍ଦନ ଯାତ୍ରା ସମୟରେ ପ୍ରତ୍ୟେକ ଦିନ ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କଲାବେଳେ ଓ ବାହୁଡ଼ା ବିଜେ ସମୟରେ ବାବାଜୀମାନେ ମଦନମୋହନ ଓ ରାମକୃଷ୍ଣଙ୍କ ପାଲିଙ୍କି ସମ୍ମୁଖରେ ବାଦ୍ୟ ବଜାଇ ମନ୍ଦିରକୁ ଆସିଥାନ୍ତି। ବେ□ ଯାତ୍ରା ସମୟରେ ମଧ୍ଯ ବଡ଼ଛତାର ବାବାଜୀମାନେ ଗିନି ଓ ଢୋଲକି ବଜାଇ ଠାକୁରଙ୍କ ସହିତ ଯାତ୍ରା କରିଥାନ୍ତି। ପୁନଶ୍ଚ

ଦୋଳଯାତ୍ରା ସମୟରେ ଦୋଳପୂର୍ଣ୍ଣିମା ଦିନ ଦୋଳଗୋବିନ୍ଦଙ୍କ ସହ ବାଜା ବଜାଇ ଦୋଳବେଦୀକୁ ଯାଇଥାନ୍ତି। ବାହୁଡ଼ା ଯାତ୍ରା ସମୟରେ ଠାକୁର ସିଂହଦ୍ୱାରରେ ରଥରେ ଥିବା ବେଳେ ସେମାନେ ନିଜର ମଠର ଜଗମୋହନରେ ବାଦ୍ୟ ଓ ସଂଗୀତ ଗାନ କରିଥାନ୍ତି।

ଏତଦ୍ ବ୍ୟତୀତ ସିଂହଦ୍ୱାର ଠାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଲୀଳା ଯାତ୍ରା ସମୟରେ ଏହି ମଠ ତରଫରୁ ପନ୍ତିଭୋଗ ହୋଇଥାଏ। ଭାଦ୍ରବ କୃଷ୍ଣ ଦଶମୀ ଦିନ ରାମକୃଷ୍ଣ ବଡ଼ଛତା ମଠ ଆଗରେ କାଠ ସିଂହାସନ ଉପରେ ବିଜେ ହେବା ପରେ କୋଳିବିକା ପ୍ରସ୍ତାବ ଅନୁଷ୍ଠିତ ହୁଏ। ଭାଦ୍ର ଶୁକ୍ଳ ଏକାଦଶୀରେ ମଠର ଡାହାଣ ପାଶ୍ୱର୍ କୋଣରେ ଇନ୍ଦ୍ରଧ୍ୱଜ ପୂଜା ଅନୁଷ୍ଠିତ ହୋଇଥାଏ। ଭାଦ୍ରବ ପୂର୍ଣ୍ଣମୀଦିନ ସନ୍ଧ୍ୟା ଆଳତି ପରେ ଦୋଳଗୋବିନ୍ଦ ପାଲିଙ୍କିରେ ଏହି ବଡ଼ଛତା ମଠ ପାଖକୁ ବିଜେ ହୁଅନ୍ତି। ସେଠାରେ ଶୀତଳଭୋଗ ହୁଏ। ଭିତରଛୁ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର, ଗୋବିନ୍ଦଙ୍କୁ ବନ୍ଦାପନା କରନ୍ତି, ଭାଦ୍ରବ ଶୁକ୍ଳ ତୃତୀୟାରେ ଅନ୍ଧହାତୀ ପ୍ରସ୍ତାବ ହୁଏ ଉକ୍ତ ମଠ ତରଫରୁ ରାମକୃଷ୍ଣଙ୍କୁ ପନ୍ତି ଭୋଗ ହୁଏ। ଏଠାରେ କହିବା ବାହୁଲ୍ୟ ଏହିକିେଯ ଶ୍ରୀଜଗନ୍ନାଥ ମନ୍ଦିର ସହିତ ବଡ଼ଛତା ମଠର ବହୁ ନିବିଡ଼ ସମ୍ପର୍କ ରହିଅଛି। ଶ୍ରୀମନ୍ଦିରର ବିଭିନ୍ନ ଲୀଳାଯାତ୍ରା ସମୟରେ ବଡ଼ଛତା ମଠ ତରଫରୁ ୬୩ ଗୋଟି ପନ୍ତିଭୋଗ ଅନୁଷ୍ଠିତ ହେଉଅଛି।

**ପଦ୍ମବେଶ :-**

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବେଶମାନଙ୍କ ମଧ୍ୟରେ ପଦ୍ମବେଶ ପ୍ରସିଦ୍ଧ। ଯାହା ବଡ଼ଛତା ମଠ ତରଫରୁ ପ୍ରତିବର୍ଷ କରାଯାଏ। ଏହି ବେଶର ଆରମ୍ଭ ନେଇ ଭିନ୍ନ ଭିନ୍ନ ମତ ମଧ୍ୟ ରହିଛି। କେତେକ ଗବେଷକ ଏହି ବେଶର ପ୍ରବର୍□କ ବଡ଼ଛତା ମଠର ସନ୍ଥ ରଘୁବୀର ଦାସ କହିବା ବେଳେ ଡକ୍ଟର ଭାସ୍କର ମିଶ୍ର ମହୋଦୟ ଏହି ବେଶର ପ୍ରବର୍□କ ସନ୍ଥ ମନୋହର ଦାସ କହିଥାନ୍ତି। ମାତ୍ର ବର୍□ମାନର ବଡ଼ଛତା ମଠର ମଠାଧୀଶ ଶ୍ରୀସ୍ୱାମୀ ବଳଦେବ ଦାସ ମହାରାଜଙ୍କ କହିବା ଅନୁସାରେ। ଆଜକୁ ପ୍ରାୟ ୫୦୦ ବର୍ଷ ତଳେ ଶ୍ରୀସ୍ୱାମୀ ମସ୍ୟରାମ ଦାସ ମହାରାଜ ଉ□ରଭାରତରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ଅଭିଳାଷ ନେଇ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ ଓ ତାଙ୍କର ଶିଷ୍ୟମାନଙ୍କ ସହହ ଜଗନ୍ନାଥଙ୍କୁ ଦର୍ଶନ କରି ସେହି ସିଂହଦ୍ୱାର ଠାରେ ତାଳପତ୍ରର ଛତ୍ରି ତଳେ ବାସ କରୁଥିଲେ। ସେହି ସମୟରେ ଶ୍ରୀଜଗନ୍ନାଥଙ୍କର ପଦ୍ମବେଶରେ ବେଶ ହେବାକୁ ଇଛା କରନ୍ତେ ଶ୍ରୀମହାପ୍ରଭୁ ଗଜପତି ମହାରାଜଙ୍କୁ ସ୍ୱପ୍ନାଦେଶ କଲେ। ମାତ୍ର ଅଦୀନରେ ପଦ୍ମ ପୁଷ୍ପ ମିଳିବ ବା କେଉଁଠାରୁ ତେଣୁ ରାଜା ଚିନ୍ତିତ ହୋଇ ଶ୍ରୀଜଗନ୍ନାଥଙ୍କ ଛାମୁରେ ଆକୁଳ ପ୍ରାର୍ଥନା କରନ୍ତେ ରାତ୍ରରେ ଶ୍ରୀଜଗନ୍ନାଥ ପୁନଃ ଗଜପତି ମହାରାଜଙ୍କୁ ସ୍ୱପ୍ନାଦେଶ ଦେଲେ କାଲି ପ୍ରାତଃ ସମୟରେ ସିଂହଦ୍ୱାର ଠାରେ ବସିଥିବା ଛତା ତଳେ ଜନୈକ ସାଧୁଙ୍କୁ ପଦ୍ମପୁଷ୍ପ ମାଗିବ ସେ ତୁମ୍ଭକୁ ତାହା ପ୍ରଦାନ କରିବେ। ଗଜପତି ମହାରାଜ ସେହିପ୍ରକାରେ ପ୍ରାତଃ ସମୟର ସନ୍ଥ ମସ୍ୟରାମଦାସଙ୍କୁ ପଦ୍ମପୁଷ୍ପ ମାଗନ୍ତେ ସାଧୁ ତାଙ୍କର ଆସନ ତଳେ ଥିବା ଟୋକେଇରୁ ନେବା ପାଇଁ କହିଲେ। ରାଜା ଅତ୍ୟନ୍ତ ଖୁସିରେ ପଦ୍ମପୁଷ୍ପକୁ ନେଇ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶାନୁସାରେ ବଡ଼ସିଂହାର ବେଶରେ ଲାଗି କରାଇଲେ। ଏବଂ ସନ୍ଥଙ୍କର ପୁଷ୍ପ ଦେଇଥିବା ହେତୁ ଖୁସି ହୋଇ ତାଙ୍କୁ କିଛି ପ୍ରଦାନ କରିବାର ଜିଜ୍ଞାସା କରନ୍ତେ ସନ୍ଥ ମସ୍ୟରାମଦାସ ସିଂହଦ୍ୱାର ଠାରେ ତାଙ୍କର ଛତାର ଆକାର ସ୍ଥାନ ମାଗି ସବୁଦିନ ପାଇଁ ଶ୍ରୀଜଗନ୍ନାଥଙ୍କର ନିତ୍ୟ ସେବାର ଅଧିକାର ·ହଥିଲେ। ଗଜପତି ମହାରାଜା ମଧ୍ୟ ସ୍ୱୀକୃତି ସନନ୍ଦ ପ୍ରଦାନ କରିଥିଲେ ସେହିଦିନ ଥିଲା ମାଘ ମାସ। ଅତୀତର ସେହି ସ୍ମୃତି ଓ ପରମ୍ପରା ଅନୁଗ୍ରମେ ବଡ଼ଛତା ମଠ ତରଫରୁ ପ୍ରତିବର୍ଷ ମହାପ୍ରଭୁଙ୍କ ପଦ୍ମବେଶ ହୋଇଥାଏ ଓ କ୍ଷୀରୀ ଅମାଲୁ ଭୋଗ ହୁଏ। ପରମ୍ପରା ଅନୁଯାୟୀ ମାଘମାସ ଅମାବାସ୍ୟା ପରେ ଏବଂ ବସନ୍ତ ପ□ମୀ ତିଥି ମଧ୍ୟରେ ବୁଧବାର କିମ୍ବା ଶନିବାରରେ ଶ୍ରୀଜୀଉଙ୍କର ପଦ୍ମବେଶ ହୋଇଥାଏ। ଏହି ବେଶ ପ୍ରାୟ ୪୫୦ ବର୍ଷର ପୁରାତନ ଅଟେ। ଏହାର କାରଣ ଡକ୍ଟର ଭାସ୍କର ମିଶ୍ର ମହୋଦୟ ମଧ୍ୟ ତାଙ୍କର ମଠ ପରମ୍ପରା ପୁସ୍ତକରେ ଲେଖିଛନ୍ତି େଯ କବି ଦୀନକୃଷ୍ଣ ଦାସ ଠାକୁରମାନଙ୍କର ପଦ୍ମବେଶ ଦେଖି ଅତି ମୁଗ୍ଧରେ ଭଜନ ରଚନା କରିଛନ୍ତି ଯଥା :-

"କମଳା ବର ହେ କ□ ବଦନ

**କମଳ ମୁଖ ଦରଶନେ ମତି କମଳ ଶୋଭନ**

**କମଳ ବନେ ତ୍ରିଭଙ୍ଗୀ ବଦନ**

ଓଡ଼ିଆ ସାହିତ୍ୟର ଭକ୍ତକବି ଦୀନକୃଷ୍ଣ ଦାସ େଯ 'ରସକଲ୍ଲୋଳ' କାବ୍ୟର ରଚୟିତା ତାଙ୍କର ଜନ୍ମ ୧୬୫୦ ଏବଂ ମୃତ୍ୟୁ ୟ ସମୟ ୧୭୧୦। ଏହି ଆଧାରରେ ପଦ୍ମବେଶ ୩୫୦ ବର୍ଷରୁ ଉର୍ଦ୍ଧ୍ୱ ବା ୪୦୦ ବର୍ଷର ପୁରାତନ ନିଶ୍ଚିତ ଭାବରେ।

ବଡ଼ଛତା ମଠ ତରଫରୁ ଅନୁଷ୍ଠିତ ଏହି ପଦ୍ମବେଶ ନିମନ୍ତେ ଆରମ୍ଭ କାର୍ଯ୍ୟହୁଏ ମାର୍ଗଶୀଳ ପୂର୍ଣ୍ଣିମା ବା ପଣ୍ଡୁ ପୂର୍ଣ୍ଣମୀ ଦିନ। ଦୋଳମଣ୍ଡପ ସାହିରେ ସନ୍ଥ ନିବାସ ଠାରେ ଆରମ୍ଭ ହୁଏ। ଅନୁକୂଳ ପୂଜାରେ ନୂତନ ବସ୍ତ୍ର, କତୁରୀ, ଛୁ□ି, ଛୁରୀ ପୂଜା ହୁଏ। ଦୀର୍ଘ ଦେଢ଼ ମାସ ଧରି ଏହି ବେଶ କାର୍ଯ୍ୟ ଅନୁଷ୍ଠିତ ହୁଏ। କାରିଗରମାନେ ହବିଷ ପାଳନ ପୂର୍ବକ ଭକ୍ତି ଶ୍ରଦ୍ଧାର ସହ କାର୍ଯ୍ୟ ତୁଲାଇ ଥାନ୍ତି। ଡକ୍ଟର ଭାସ୍କର ମିଶ୍ରଙ୍କ ପ୍ରଦ□ ବିବରଣୀ ଅନୁସାରେ - ଦରଜି କାରିଗର ଶ୍ରୀ ବଳଭଦ୍ର ମହାପାତ୍ରଙ୍କ ଠାରୁ ଯାହା ସେ ସଂଗ୍ରହ କରିଛନ୍ତି ଏହି ବେଶରେ ୮ ବିଡ଼ା ସୋଲ, ଧଳାଜରି - ୧ କ୍ରିଗ୍ରା, ଧଳା କନା ୫ ମିଟର, ନାଲିକନା - ୭ ମିଟର, ନେଳିକନା - ୭ ମିଟର, କଇଥଅଠା, ବାଉଁଶ ପାତିଆ, ସୂତା ଇତ୍ୟାଦିର ଆବଶ୍ୟକ ହୋଇଥାଏ। ମଠତରଫରୁ ପ୍ରସାଦ - ପାଉଣା ଆଦି ସମସ୍ତ ଖର୍ଚ୍ଚକୁ ମିଶାଇଲେ ପ୍ରାୟ ଟ୧,୦୦,୦୦୦ ଟଙ୍କା ସଂପ୍ରତି ଖର୍ଚ୍ଚ ହେଉଛି।

ଏହି ବେଶରେ ମଠ ପକ୍ଷରୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ବାଡ଼ର ବେଶ ସାମଗ୍ରୀ ନିକଟରେ କ୍ଷୀର, ଛାଚି ଇତ୍ୟାଦି ପଣା ଭୋଗ ହେବାପରେ ପଦ୍ମବେଶକୁ ଶୁଦ୍ଧପୂତ ଭାବରେ ଶ୍ରୀମନ୍ଦିର ମଧ୍ୟକୁ ନିଆଯାଇଥାଏ। ଏହିଦିନ ଠାକୁରମାନଙ୍କର ପ୍ରତିଦିନ ଭଳି ବଡ଼ସିହାର ବେଶ ହୋଇନଥାଏ। ଶ୍ରୀମନ୍ଦିର କୋଠ ଭୋଗ ଚୁଲିରେ ପ୍ରସ୍ତୁତ କରାଯାଇ ୩୬୫ କୁଡୁଆ କ୍ଷୀରୀ ଓ ଅମାଲୁ ଭୋଗ ହୋଇଥାଏ। ଉକ୍ତ ଭୋଗ ଖେଇ ଅନୁସାରେ ପାଳିଆ ସେବକ, ନିେଯାଗ, ମଠ କର୍ମଚାରୀ, ଶ୍ରୀମନ୍ଦିର ଗାରଦ କର୍ମଚାରୀ ଓ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷକୁ ବ□ନ କରାଯାଏ। ଏହି ବେଶ ତପ୍ରରଦିନ ମଙ୍ଗଳ ଆଳତିରେ ସର୍ବସାଧାରଣ ଦର୍ଶନ କରିଥାନ୍ତି।

**ମଠକୁ ଆସିଥିବା ପ୍ରମୁଖ ବ୍ୟକ୍ତି :-**

ପୁରୀ ବଡ଼ଛତା ମଠ ଶ୍ରୀକ୍ଷେତ୍ରର ଏକ ପ୍ରମୁଖ ମଠ। ଏହା ରାମାନନ୍ଦୀୟ ସଂପ୍ରଦାୟର ମଠ। ସିଂହଦ୍ୱାର ନିକଟରେ ଥିବା ହେତୁ ଏହି ମଠକୁ ଦୂରଦୂରାନ୍ତରୁ ଅନେକ ତୀର୍ଥ ଯାତ୍ରୀ ଆସିଥାନ୍ତି। ଏହିଠାରେ ଅବସ୍ଥାନ ମଧ୍ୟ କରିଛନ୍ତି ଏବଂ ଏହିଠାରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆମôବିଭୋର ହୋଇ ଉଠିଛନ୍ତି। ଏମାନଙ୍କ ମଧ୍ୟରେ ପ୍ରମୁଖ ଶ୍ରୀରାମାନନ୍ଦ ଆଚାର୍ଯ୍ୟ ଏବଂ ସନ୍ଥ ତୁଳସୀ ଦାସ। ମହନ୍ତ ଶ୍ରୀ ସ୍ୱାମୀ ବଳଦେବ ଦାସଙ୍କ ଉଲ୍ଲେଖାନୁସାରେ ସନ୍ଥ ତୁଳସୀ ଦାସ ଏହି ମଠରେ ଏକମାସ ରହି ପ୍ରତ୍ୟୋହ ଠାକୁରଙ୍କ ସେବା କରିବା ସହ ଦର୍ଶନ ମଧ୍ୟ କରୁଥିଲେ। ଏପରିକି ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଶ୍ରୀମନ୍ଦିର ପୂଜାନୀତି କାନ୍ତି ପ୍ରଣୟନ ହୋଇଥିବା ସ୍ଥଳେ - ଶ୍ରୀମନ୍ଦିରରେ ମଙ୍ଗଳ ଆଳତୀ ଠାରୁ ରାତ୍ରର ପହୁଡ଼ ନୀତି ସବୁ ତୁଳସୀ ଦାସଙ୍କ ମତରେ ଅନୁଷ୍ଠିତ ହେଉଅଛି।

ମଠ ନାମରେ ଥିବା ଭୂସମ୍ପ□ି :-

ଶ୍ରୀକ୍ଷେତ୍ରକୁ ଆସିଥିବା ଅନେକ ସାଧୁସନ୍ଥ ଏହି ମଠରେ ଅବସ୍ଥାନ କରୁଥିବା ସମୟରେ ମଠକୁ ଦାନ କରିଛନ୍ତି। ଏପରିକି ଶ୍ରୀକ୍ଷେତ୍ରରେ ଥିବା ଅନ୍ୟ କେତେକ ମଠ ଯାହା ରାମାନନ୍ଦୀ ସଂପ୍ରଦାୟର ଅତୀତରେ ପରିଚାଳନା ଇତ୍ୟାଦି କାର୍ଯ୍ୟରେ ବିଫଳ ହେବା ପରେ ବଡ଼ଛତା ମଠକୁ ଦାନ କରିଛନ୍ତି। େଯପରି ଗୁଣ୍ଡି· ମନ୍ଦିର ନିକଟରେ ଥିବା ଦଶାବତାର ମଠ, ପୁରୀ ମରିଚିକୋଟ ଗଳିରେ ଥିବା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାଧନା ସ୍ଥଳ ଘୁମୁସରମଠ, ଦୋଳମଣ୍ଡପ ସାହିସ୍ଥ ସନ୍ଥ ନିବାସ, ଦୋମଣ୍ଡପ ସାହିସ୍ଥ ଜହ୍ନି

ମୁଣ୍ଡିଆ ଛକ ସନ୍ନିକଟ ଅଙ୍ଗୀରା ଆଶ୍ରମ, ଶ୍ରୀମନ୍ଦିରର ଦକ୍ଷିଣଦ୍ବାର ସଂଲଗ୍ନ ମେଘନାଦ ପ୍ରାଚୀର ନିକଟରେ ଥିବା ଦକ୍ଷିଣଦ୍ବାର ମହାବୀର। ସେହିପରି ବଡ଼ଛତା ମଠ ନାମରେ ଅଛି ଅନେକ ଭୂସଂପ□ି ତତ୍ ମଧ୍ଯରେ ପୁରୀ ଜିଲ୍ଲାର ଛଇତନାରେ କେତେକ ଭୂସଂପ□ି। ପୁରୀ ଜିଲ୍ଲାର ନିମାପଡ଼ାର, ସାକିନ ଡେଣୁଅର ବେଲକଣ ମଠ, ଗଞ୍ଜାମ ଜିଲ୍ଲାର ସାହାପୁର ଲଛମନ ବାଲାଜୀ ମଠ, ଗଞ୍ଜାମ ଜିଲ୍ଲାର ନମଖଣ୍ଡି ଅ□ଳର ନିମ ଖଣ୍ଡି ମଠ ସେଠାରେ ଥିବା ଶତାଧିକ ଏକର ଧାନ ଜମି ଓ ଖମାର।

ସଂପ୍ରତି ବଡ଼ଛତା ମଠ ଓ ତା ଅଧିନରେ ଥିବା ସମସ୍ତ ମଠ ଗୁଡ଼ିକର ଠାକୁରଙ୍କ ନୀତି, ପୂଜା, ଉତ୍ସବ, ଯାନିଯାତ୍ରା ପରି·ଳନାର ଦାୟିତ୍ବ ନୂତନ ମଠାଧୀଶ ଶ୍ରୀସ୍ବାମୀ ବଳଦେବ ଦାସ ମହାରାଜା ତୁଲାଉଛନ୍ତି। ତାଙ୍କ ଅଧୀନରେ ଅଛନ୍ତି ଗୁମାସ୍ତା, ବୈଷ୍ଣବ ସାଧୁ, ବୈଦିକ ଛାତ୍ର ଆଦି େଯଉଁମାନେ ମଠର କାର୍ଯ୍ୟରେ ସାହାଯ୍ୟ ସହେଯାଗ କରୁଛନ୍ତି। ବର୍□ମାନର ମହନ୍ତ ଗୁରୁ ଶ୍ରୀସ୍ବାମୀ ରାମସ୍ବରୂପ ଦାସଙ୍କ ଠାରୁ ତା.୨୩/୫/୨୦୦୬ ମସିହାରୁ ପାଇଥିବା କ୍ଷମତାପତ୍ର ବଳର ସେହି ଦିନଠାରୁ ମଠର ସମସ୍ତ ନୀତିକାନ୍ତି, ପୂଜା, ଭୂସଂପ□ି ସୁରକ୍ଷା ଓ ଅର୍ଥନୈତିକ କାରବାର ଆଦି ଦାୟିତ୍ବ ସୁ·ରୁ ରୂପେ ତୁଲାଇ ଆସୁଥିଲେ। ମଠର ଆର୍ଥିକ ଅବସ୍ଥା ଏବେ ମଧ୍ଯ ସ୍ବଚ୍ଛଳ। ନିୟମିତ ଭାବେ ଶ୍ରୀମନ୍ଦିରର ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ତୁଲାଇବା ସହିତ ବର୍□ମାନର ମଠ ମହନ୍ତ ବଡ଼ଛତା ମଠ ସହ ଅନ୍ୟାନ୍ୟ ମଠ ଯାହା ତାଙ୍କ ଅଧିନରେ ଅଛି ତାହାକୁ ମଧ୍ଯ ତୁଲାଉ ଅଛନ୍ତି। ତଥାପି କେତେକ ଅଧିନସ୍ଥ ମଠର ପର□ରା ପୂଜାବିଧି ସମୟ ଅନୁସାରେ ପରିବର୍□ିତ ହେବା ସହ ଲୁପ୍ତ ମଧ୍ଯ ହେଲାଣି। ଏସବୁ ସେ□୍ବେ ଆଜି ମଧ୍ଯ ଶ୍ରୀଜଗନ୍ନାଥଙ୍କର ନୀତିକାନ୍ତିରେ ବଡ଼ଛତା ମଠ ତାର ସମସ୍ତ କାର୍ଯ୍ୟ ତୁଲାଇ ଆସୁଅଛି।

ମୋ- ୯୪୩୮୩୨୦୩୭୩

**ସହାୟକ ଗ୍ରନ୍ଥ ସୂଚୀ :-**


୧- ଶ୍ରୀମନ୍ଦିର ସ୍ବ□୍ବଲିପି - ଓଡ଼ିଶା ସରକାର - ୧୯୫୬ ମସିହା

୨- ମହାନ୍ତି ଆର୍□ବଲ୍ଲଭ, ମାଦଳାପାଞ୍ଜିର ରାଜଭୋଗ ଇତିହାସ, ୧୯୬୯ ଦ୍ବିତୀୟ ସଂସ୍କରଣ, ଉତ୍କଳ ବିଶ୍ବବିଦ୍ୟାଳୟ, ଭୁବନେଶ୍ବର।

୩- ମିଶ୍ର ଡ. ଭାସ୍କର - ମଠ ପର□ରା - ୨୦୧୨ ପ୍ରଥମ, ଫ୍ରେଣ୍ଡସ୍ ପବ୍ଲିଶର୍ସ - ବିନୋଦବିହାରୀ, କଟକ

୪- ମହନ୍ତ ମହାରାଜ ବଳଦେବ ଦାସ, ବଡ଼ଛତା ମଠ, ପୁରୀ



**ସାରାଂଶ**

ପୁରୀ ଜଗନ୍ନାଥ ମନ୍ଦିର। େଯଉଁଠି ପରଂବ୍ରହ୍ମ ଭଗବାନ ବିଷ୍ଣୁ ସ୍ବୟଂ ଦାରୁବ୍ରହ୍ମ ସ୍ବରୂପରେ ପୂଜା ପାଉଛନ୍ତି। ଏ କ୍ଷେତ୍ର ପରମ ପବିତ୍ର ମର୍□୍ୟ ବୈକୁଣ୍ଠ ନାମରେ ନାମିତ। ଭଗବାନଙ୍କ ସେବାରେ ନିୟୋଜିତ ଅଛନ୍ତି ଅନେକ ସେବକ, ସାଧୁସନ୍ଥ। ଯାହାଙ୍କର ଉପଲକ୍ଷଠ ସ୍ବରୂପକୁ ଚିହ୍ନିପାରି ଭାରତବର୍ଷର କୋଣ ଅନୁକୋଣରୁ ଆସିଛନ୍ତି ସାଧୁ, ସନ୍ଥ, ମୁନୀ, ଋଷି। ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି କବିରୀ, ରାମାନନ୍ଦ, ଜୟଦେବ, ଶ୍ରୀଚୈତନ୍ୟ ଆଦି ଅନେକ ସାଧୁ ସନ୍ନାସୀ, ସେମାନେ ଆଶ୍ରୟ ନେଇଛନ୍ତି ମହାବାହୁଙ୍କ ଛତ୍ରଛାୟାରେ। ଗଢ଼ିତୋଳିଛନ୍ତି ମଠ ଓ ସଂପ୍ରଦାୟ। ସେହି ରୀତିରେ ଆଲୋଚ୍ୟ ପ୍ରବନ୍ଧରେ ଆଲୋଚନା କରାଯାଇଛି ଶ୍ରୀକ୍ଷେତ୍ରର ପ୍ରମୁଖ ମଠ 'ବଡ଼ଛତା ମଠ'। ସକଳ ମଙ୍ଗଳ ଆଳତି ଠାରୁ ରାତ୍ର ପହୁଡ଼ ସେବାରେ ନିୟୋଜିତ ଅଛନ୍ତି ମଠର ସାଧୁସନ୍ଥ। 'ପଦ୍ମ ବେଶ' ଏହି ମଠର ଏକ ସ୍ବତନ୍ତ୍ର ପରିଚୟ ପ୍ରଦାନ କରେ। ତାହାର ବିସ୍ତୃତ ଆଲୋଚନା କରାଯାଇଛି।



**ବିଶେଷ ଶବ୍ଦ :-**

ସିଂହଦ୍ବାର, ରାମାନନ୍ଦୀ ସଂପ୍ରଦାୟ, ମଠାଧୀଶ, ଶୟନ ଠାକୁର, ଜୟବିଜୟଦ୍ବାର, ପଦ୍ମବେଶ ଅଙ୍ଗୀରା ଆଶ୍ରମ, ରତ୍ନପଲଙ୍କ